# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**10 July – 2025**

************************************

## ମୁଖ୍ୟମନ୍ତ୍ରୀ – ଝାଡ଼ଖଣ୍ଡ ଗସ୍ତ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ଆଜି ଝାଡଖଣ୍ଡର ରାଞ୍ଚିଠାରେ ୨୭ତମ ପୂର୍ବାଞ୍ଚଳ ପରିଷଦ ବୈଠକ ଅନୁଷ୍ଠିତ ହେବ। ଏଥିରେ ମାଓବାଦୀ ମୁକାବିଲା, ବିଭିନ୍ନ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି, ଆନ୍ତଃରାଜ୍ୟ ସମନ୍ୱୟ ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ  ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି। ବୈଠକରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଓଡିଶା ସମେତ ଝାଡଖଣ୍ଡ, ବିହାର ଓ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଏବଂ ବହୁ ଉଚ୍ଚ ପଦାଧିକାରୀ  ବୈଠକରେ ଯୋଗଦେବେ।

---

## ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତ

ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆସନ୍ତା ୧୪ ତାରିଖରୁ ଦୁଇଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି ।  ଶ୍ରୀ ଆହୁଜା ରାଷ୍ଟ୍ରପତିଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମକୁ ସୁଚାରରୂପେ ସମାପନ କରିବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

---

# ଦଳାଚକଟା - ସାକ୍ଷ୍ୟ ଗ୍ରହଣ

ପୁରୀ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ଘଟଣାର ତଦନ୍ତ କରୁଥିବା ଉନ୍ନୟନ କମିଶନର ଅନୁ ଗର୍ଗ ଆଜି ଅପରାହ୍ନରେ ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍‌ରେ ଏହି ଘଟଣା ସଂପର୍କରେ ସାକ୍ଷ୍ୟ ଗ୍ରହଣ କରିବେ । ଶ୍ରୀମତୀ ଗର୍ଗ ଗତକାଲି ଭୁବନେଶ୍ୱର ରାଜ୍ୟ ଅତିଥି ଭବନରେ ସାକ୍ଷ୍ୟ ଗ୍ରହଣ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଏ ସମ୍ପର୍କରେ ଉନ୍ନୟନ କମିଶନ କହିଛନ୍ତି:

**V/O**

---

# ଓଡିଶା କୃଷି-ଶ୍ରେଷ୍ଠ ପୁରସ୍କାର

ଏଗ୍ରିକଲଚର ଲିଡରସିପ କନକ୍ଲେଭରେ ଓଡିଶାକୁ କୃଷି ପାଇଁ ଶ୍ରେଷ୍ଠ ରାଜ୍ୟ ପୁରସ୍କାରରେ ପ୍ରଦାନ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନୂଆଦିଲ୍ଲୀରେ କେନ୍ଦ୍ର ବାଣିଜ୍ୟ ଶିଳ୍ପମନ୍ତ୍ରୀ ପିୟୁଷ ଗୋଏଲଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏହି ପୁରସ୍କାର ଦେଶରେ ସ୍ଥାୟୀ କୃଷି ବିକାଶ କ୍ଷେତ୍ରରେ ଓଡିଶାକୁ ଏକ ମଡେଲ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ସୂଚିତ କରୁଛି ବୋଲି ପୁରସ୍କାର ଗ୍ରହଣ ଅବସରରେ ଶ୍ରୀ ସିଂଦେଓ କହିଛନ୍ତି ।

---

# ଲ’ କମିଶନ ବୈଠକ

ଓଡିଶା ରାଜ୍ୟ ବିଧି ଆୟୋଗଙ୍କ ପ୍ରଥମ ବୈଠକ ଭୁବନେଶ୍ୱର ତୋଷାଳୀଭବନ ସ୍ଥିତ କମିଶନଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଧି ଆୟୋଗଙ୍କ ଲୋଗୋ ଉନ୍ମୋଚିତ ହୋଇଥିଲା । ବୈଠକରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ଆଇନଗତ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା ।

---

# ଗଞ୍ଜାମ-ବିମାନ ବନ୍ଦର

ଗଞ୍ଜାମ ଜିଲ୍ଲାର ରଙ୍ଗେଇଲୁଣ୍ଡା ବିମାନବନ୍ଦର ନିର୍ମାଣ କାର୍ଯ୍ୟକୁ ଗତକାଲି ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ସୁରଞ୍ଜିତା ଜେନା ତଦାରଖ କରିଛନ୍ତି । ପରେ ବିମାନ ବନ୍ଦର କାର୍ଯ୍ୟାଳୟରେ ସଚିବ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

---

# ଗଞ୍ଜାମ-ଡାଇରିଆ

ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଉସ୍ତପଲ୍ଲୀ ଗ୍ରାମରେ ଦେଖାଦେଇଥିବା ଡାଇରିଆ ଏବେ ନିୟନ୍ତ୍ରଣାଧୀନ ଅଛି । କିଛିଦିନ ପୂର୍ବରୁ ଗ୍ରାମର ପ୍ରାୟ ୨୦ଜଣ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିଲେ । ଏବେ ତିନିଜଣ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଦଳ ପ୍ରଭାବିତ ଅଞ୍ଚଳରେ ମୁତୟନ ହୋଇଛନ୍ତି ।

---

# ନୂତନ ପାଠ୍ୟକ୍ରମ

ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ଶିକ୍ଷା ଅନୁଷ୍ଠାନରେ ପାଞ୍ଚୋଟି ନୂତନ ପାଠ୍ୟକ୍ରମ ଆରମ୍ଭ ହୋଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ବି.ଟେକ୍ ଇନ ସେଫ୍ଟି ଫାୟାର ଇଞ୍ଜିନିୟରିଂ, ବାୟୋ ମେଡିକାଲ ଇଞ୍ଜିନିୟରିଂ, ମେକାନିକାଲ ଆଣ୍ଡ ସ୍ମାର୍ଟ ମାନ୍ୟୁଫ୍ୟାକଚରିଂ, ଏମ୍‌ଟେକ୍ ଇନ୍ ଏରୋସ୍ପେସ ଇଞ୍ଜିନିୟରିଂ ଏବଂ ଇଣ୍ଡଷ୍ଟ୍ରିଆଲ ସେଫ୍ଟି ପାଠ୍ୟକ୍ରମ ଆରମ୍ଭ ହୋଇଛି ।

---

# କିଶୋର ନ୍ୟାୟ ଅଧିନିୟମ

ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କିଶୋର ନ୍ୟାୟ ଅଧିନିୟମ ସମ୍ପର୍କିତ କାର୍ଯ୍ୟକ୍ରମ ଧାମନଗର ବ୍ଲକ ଦୋବଲ, କାଞ୍ଜିଆପାଳସ୍ଥିତ ମହାପୁରୁଷ ଆଶ୍ରମରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଭାଗୀୟ ସଚିବ, ଜିଲ୍ଲା ଶିଶୁକଲ୍ୟାଣ ଅଧିକାରୀ, ଜିଲ୍ଲା ଶିଶୁ ଯତ୍ନ ବିଭାଗର ମୁଖ୍ୟ ଯୋଗଦେଇ କିଶୋର ମାନଙ୍କ ପାଇଁ ଥିବା ଆଇନଗତ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ ।

---

# ଶ୍ରାବଣ ସୋମବାର

ଆସନ୍ତା ୧୪ତାରିଖ ଦିନ ପ୍ରଥମ ଶ୍ରାବଣ ସୋମବାରକୁ ଦୃଷ୍ଟିରେ ରଖି କଟକସ୍ଥିତ ବାବା ଧବଳେଶ୍ୱରଙ୍କ ପୀଠର ପ୍ରସ୍ତୁତି ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କାଉଡିଆଙ୍କ ଶୃଙ୍ଖଳିତ ଦର୍ଶନ, ପରିମଳ ବ୍ୟବସ୍ଥା, ପାନୀୟଜଳ ସୁବିଧା ଆଦି ଉପରେ ଆଲୋଚନା ହୋଇଥିଲା ।

---

# ମୁଖ୍ୟମନ୍ତ୍ରୀ–ମତ୍ସ୍ୟଚାଷୀ ଦିବସ

ଦେଶରେ ଆଜି ଜାତୀୟ ମତ୍ସ୍ୟ ଚାଷୀ ଦିବସ ପାଳନ କରାଯାଉଛି । ଏହି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ମତ୍ସ୍ୟ ଚାଷରେ ଓଡିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରି ଭିଜନ-୨୦୩୬ର ଲକ୍ଷ୍ୟ ପୂରଣ ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ଶ୍ରୀ ମାଝୀ ନିଜ ବାର୍ତ୍ତାରେ କହିଛନ୍ତି ।

---

# ରଗ୍‌ବୀ ଚାମ୍ପିୟନସିପ୍‌

ଉତ୍ତରାଖଣ୍ଡର ଡେରାଡୁନରେ ଅନୁଷ୍ଠିତ କନିଷ୍ଠ ଜାତୀୟ ରଗ୍‌ବୀ ସେଭେନ୍ ଏସ୍ ଚାମ୍ପିୟନସିପ୍-୨୦୨୫ରେ ଓଡିଶା ମହିଳା ଦଳ ରୌପ୍ୟପଦକ ହାସଲ କରିଛି । କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓଡିଶା ମହିଳା ରଗ୍‌ବୀ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି । ରଗ୍‌ବୀ ଦଳର ଏହି ବିଜୟ ଓଡିଶାର କ୍ରୀଡାବିତ୍‌ମାନଙ୍କୁ ବିଶେଷଭାବରେ ମହିଳା କ୍ରୀଡାବିତ୍‌ଙ୍କୁ ଉତ୍ସାହିତ କରିବ ବୋଲି ମନ୍ତ୍ରୀ ଶ୍ରୀ ସୁରଜ କହିଛନ୍ତି ।

---

# ପାଣିପାଗ

ରାଜ୍ୟରେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୦ଟି ଜିଲ୍ଲାରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ସକାଳ ସାଢ଼େ ୬ଟା ସୁଦ୍ଧା ୬୦୫ ଦଶମିକ ୩/୯ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ଲକ୍ଷ ୪୧ ହଜାର ୨୫୨ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୬ଟି ସ୍ଲୁଇସ୍ ଗେଟ୍ ଦେଇ ୨ଲକ୍ଷ ଅଠଷଠି ହଜାର ଚାରିଶହ ଅଣସ୍ତରୀ ଘନଫୁଟ ଜଳ ନିଷ୍କାସିତ ହେଉଛି ।

..........................................................................